## ସାଙ୍କେତିକ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲୁଓ) ଓ ରାଷ୍ଟ୍ରୀୟବାକ୍ ଓ ଶ୍ରବଣ ଦିବ୍ୟାଙ୍ଗଜନ ସଂସ୍ଥାନ ପକ୍ଷରୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଆୟୋଜିତ ୫ ଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ପିପିଡବ୍ଲୁଓ ସଭାପତି ଶିକ୍ଷାବିତ୍ ଗୋବିନ୍ଦଚନ୍ଦ୍ର ନାୟକ, ସମ୍ପାଦକ ଗଗନ ବିହାରୀ ଗାସ, କୋଷାଧକ୍ଷ ପଦ୍ମଲୋଚନ ମହାନ୍ତି, ପ୍ରଶିକ୍ଷକ ଅଜୟ ସିଂରାବତ୍ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀ ଭାବେ ଦେବସ୍ମିତା ପଟ୍ଟନାୟକ, ସ୍ୱିସ୍ତାରାଣୀ ମହାପାତ୍ର ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ୭୦ ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମକୁ ଜନ୍ମେଜୟ ସ୍ୱାଇଁ ମୌସୁମୀ ରାୟ ସିଂ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ପ୍ରଜ୍ଞା ପାରମିତା ପରିଡ଼ା ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ।




୧।୨।୨୦୨୫

| ୫,୬୦,୭୨୮ ଟଙ୍କା | |
|---|---|
| ସୁନା | ୦.୬୫୦ ଗ୍ରାମ୍ |
| ରୁପା | ୨୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଦ୍ମବେଶ ସମ୍ପନ୍ନ

ପୁରୀ,୧।୨( ଅଜିତ୍ କୁମାର ମହାନ୍ତି)

ମାଘ ଶୁକ୍ଳପକ୍ଷ ତୃତୀୟା ଶନିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଦ୍ମବେଶ ସମ୍ପନ୍ନ ହୋଇଛି। ଏହି ବେଶରେ ଠାକୁର ସୋଲରେ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଡ଼ି, ହଂସ, ଚୂଳ, ମଗରକୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଛନ୍ତି। ସୋଲ, ଜରି, କଦଳୀପଟ, କନା, କଇଁଥ ଅଠା, ରଙ୍ଗ ସାହାଯ୍ୟରେ ଏ ସବୁକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ନିର୍ମିତ କରାଯାଇଛି। ମହାପ୍ରଭୁଙ୍କ ବେଶ ସମ୍ପନ୍ନ ହେବାପରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ କରାଯାଇଥିଲା, ପରେ ଶ୍ରୀବିଗ୍ରହମାନେ ଉକ୍ତ ବେଶରେ ରାତ୍ରପହୁଡ଼ ଯାଇଥିଲେ। ପଦ୍ମବେଶ ଥାଇ ରବିବାର ଠାକୁର ମଙ୍ଗଳ ଆଳତି ହେବେ। ପରେ ଠାକୁରଙ୍କ ଅବକାଶ ନୀତି ହୋଇ ବେଶ ଓଲାଗି କରାଯିବ। ବର୍ଷକରେ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ପହୁଡ଼ ଯାଇଥାନ୍ତି। ସପ୍ତଦଶ ଶତାବ୍ଦୀରେ ବଡ଼ଛତା ମଠର ମହନ୍ତ ସନ୍ଥ ରଘୁବର ଦାସ ଏହି ବେଶ ଆରମ୍ଭ କରିଥିବା କିମ୍ବଦନ୍ତୀରୁ ଜଣାପଡ଼େ।



ଉକ୍ତ ବେଶ ପଛରେ ୨ଟି କିମ୍ବଦନ୍ତୀ ଥିବା ଜଣାପଡ଼େ, ଏକଦା ମନୋହର ଦାସ ନାମକ ଜଣେ ଭକ୍ତ ମାଘ ମାସରେ ପୁରୀକୁ ଆସୁଥିବା ବେଳେ ଏକ ପୋଖରୀରୁ କିଛି ପଦ୍ମ ଫୁଲ ଦେଖି ମହାପ୍ରଭୁଙ୍କୁ ଲାଗି ପାଇଁ ଆଣିଥିଲେ। ଗାମୁଛାରେ ବାନ୍ଧି ଆଣିଥିବା ପଦ୍ମଫୁଲଗୁଡ଼ିକ ଶ୍ରୀମନ୍ଦିରରେ ପହଞ୍ଚିଲା ବେଳକୁ ଝାଉଁଳି ପଡ଼ିଥିଲା। ଶୁଷ୍କ ପଦ୍ମ ଫୁଲକୁ ଦେଖି ସେବକମାନେ ଏହା ଠାକୁରଙ୍କୁ ଲାଗି ହୋଇପାରିବ ନାହିଁ କହିଥିଲେ। ଏହି ଘଟଣାରେ ଭକ୍ତ ମନୋହର ଦୁଃଖ ଓ ଅପମାନରେ ମ୍ରିୟମାଣ ହୋଇ ଶ୍ରୀମନ୍ଦିର ବାହାରେ ଜଗନ୍ନାଥଙ୍କୁ ସ୍ମରଣ କରିଥିଲେ। ସେହି ରାତିରେ ଜଗନ୍ନାଥ ମହାପ୍ରଭୁ ସ୍ୱପ୍ନାଦେଶରେ ଗଜପତି ମହାରାଜାଙ୍କୁ କହିଥିଲେ, ଭକ୍ତ ମନୋହର ଆଣିଥିବା ପଦ୍ମ ପୁଷ୍ପରେ ହିଁ ମୋର ପଦ୍ମବେଶ ହେବ। ପରେ ଗଜପତିଙ୍କ ନିର୍ଦ୍ଦେଶ ପରେ ଭକ୍ତ ମନୋହର ଦାସଙ୍କ ଝାଉଁଳା ଫୁଲକୁ ମହାପ୍ରଭୁଙ୍କୁ ଲାଗି କରାଯାଇଥିଲା। ମଉଳି ଯାଇଥିବା ଫୁଲଗୁଡ଼ିକ ପୁଣି ସତେଜ ହୋଇଉଠିଥିଲା ବୋଲି ଜଣାଯାଏ।

ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ରଘୁବର ଦାସ ଯିଏକି ଶ୍ରୀମନ୍ଦିର ନିକଟ ବଡ଼ଛତା ମଠରେ ମଠାଧୀଶ ଭାବେ ମହାପ୍ରଭୁଙ୍କ ସେବା କରୁଥିଲେ। ମହାପ୍ରଭୁଙ୍କୁ ସୋଲରେ ନିର୍ମିତ ପଦ୍ମଫୁଲରେ ବେଶ କରିବା ପାଇଁ ଏକଦା ରଘୁବର ଦାସ ଚିନ୍ତାକରି ସୋଲ, କଇଁଥ ଅଠା ଆଦିରେ ତିଆରି କରିବା ସହ ଚାଉଳ ଖିରି ତିଆରି କରି ମହାପ୍ରଭୁଙ୍କୁ ବେଶ କରିବା ଓ ଖିରି ମଣୋହି କରିବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ସେ ସମୟରେ ସ୍ୱର୍ଣ୍ଣ ଅଳଙ୍କାର ଛଡ଼ା ଅନ୍ୟ କୌଣସି ବସ୍ତୁରେ ମହାପ୍ରଭୁଙ୍କ ବେଶ ହେଉ ନ ଥିବାରୁ ଏବଂ ଶ୍ରୀମନ୍ଦିର ବାହାର ଜିନିଷ ମହାପ୍ରଭୁଙ୍କ ନିକଟରେ ଭୋଗ କରାଯିବାର ବିଧି ନ ଥିବାରୁ ରୁଘୁବର ଦାସଙ୍କ ନିର୍ମିତ ବେଶ ଓ ଖିରିକୁ ସେବକମାନେ ଫେରାଇ ଦେଇଥିଲେ। ଫଳରେ ରଘୁବର ଦାସ ମନ ଦୁଃଖରେ ମଠକୁ ଫେରିଆସି ମହାପ୍ରଭୁଙ୍କୁ ଦୁଃଖ ଶୁଣାଇଥିଲେ। ମହାପ୍ରଭୁ ଭକ୍ତର ଭାବ ଜାଣିପାରି ଗଜପତିଙ୍କୁ ସ୍ୱପ୍ନାଦେଶ କରିବା ସହ ରଘୁବର ଦାସଙ୍କ ନିର୍ମିତ ପଦ୍ମବେଶ ଓ ଖିରି ଲାଗି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଦିନଠାରୁ ମହାପ୍ରଭୁଙ୍କ ନିକଟରେ ବଡ଼ଛତା ମଠ ପକ୍ଷରୁ ବେଶ ଯୋଗାଇ ଦିଆଯାଉଥିବା ସୂଚନା ମିଳେ।

## ସଂକ୍ଷେପରେ

### 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଆଧାର କରି ପ୍ରତି ମାସର ପ୍ରଥମ ଦିନ ଅର୍ଥାତ୍ ୧ ତାରିଖ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ମିଶ୍ର, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଚକ୍ରଧର ମହାପାତ୍ର, ଉମାକାନ୍ତ ଦାଶ, ଲକ୍ଷ୍ମୀଧର ପୂଜାପଣ୍ଡା, ଆର୍ତ୍ତତ୍ରାଣ ଶତପଥୀ, ସମୀର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ କଣ୍ଠଶିଳ୍ପୀ ନୀଳିମା ମିଶ୍ର, ସଭାପତି ଅନିଲ ପାତ୍ର, ନିର୍ଦ୍ଦେଶକ ସତ୍ୟବ୍ରତ ଦାସଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପରେ ଓଡ଼ିଶା ନାଟକ ସମାରୋହ ସମିତି ବ୍ରହ୍ମପୁର ଅନୁଷ୍ଠାନ ପକ୍ଷରୁ ନାଟକ 'ମଣି ମାନତେ' ପରିବେଷଣ କରାଯାଇଥିଲା। ଯାହାର ନିର୍ଦ୍ଦେଶନା ଦେଇଥିଲେ ସତ୍ୟବ୍ରତ ଦାସ। ସମସ୍ତ କାର୍ଯ୍ୟକ୍ରମକୁ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ।

### ଜୁନିୟର ରେଡକ୍ରସ୍ ଶିକ୍ଷା, ପ୍ରଶିକ୍ଷଣ ଶିବିର

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ଜିଲା ସ୍କୁଲ୍‌ପରିସରରେ ୨୯ତମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ସେବା ଓ ସମର୍ପଣ କ୍ଷେତ୍ରରେ ରେଡ୍‌କ୍ରସର ଭୂମିକା ସମଗ୍ର ବିଶ୍ୱରେ ଅନନ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସ୍କୁଲ ପରିଚାଳନା ସମିତି ସଭାପତି ସୁଧାଂଶୁ ଶେଖର ରାୟ ଓ ଜିଲା ବିଜ୍ଞାନ ସୁପରଭାଇଜର ସନ୍ତୋଷ କୁମାର ଚୌଧୁରୀ, ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ରକ୍ତଦାନ ଏବଂ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାର ଉତ୍ତମ ପ୍ରଶିକ୍ଷଣ ନେବା ସହ ସମ୍ବେଦନଶୀଳ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ବିଦ୍ୟାଧର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହେଉଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ୧୨୧ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

### ପୁରୀର ଭିତିଭୂମି ଅନୁଧ୍ୟାନ କଲେ ଜାପାନ ସରକାରଙ୍କ ପ୍ରତିନିଧିମଣ୍ଡଳୀ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ଜାପାନ ସରକାରଙ୍କ ଏକ ପ୍ରତିନିଧିମଣ୍ଡଳୀ ୨ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଟିମ୍ ଭୁବନେଶ୍ୱର ଓ ପୁରୀର ଭିତିଭୂମି ଅନୁଧ୍ୟାନ କରିଛନ୍ତି। ବିଶେଷ ଭାବେ ପର୍ଯ୍ୟଟନ ତଥା ଐତିହ୍ୟ ସହର ପୁରୀର ବ୍ଲୁ-ଫ୍ଲାଗ ବେଳାଭୂମି, ଶ୍ରୀଦାଣ୍ଡ, ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲି ଦେଖିଥିଲେ। ଏଥିସହ ଅର୍କକ୍ଷେତ୍ର କୋଣାର୍କ ସୂର୍ଯ୍ୟମନ୍ଦିର ଏବଂ ମ୍ୟୁଜିୟମ ଦେଖି ବିମୋହିତ ହୋଇଥିଲେ। ଏନେଇ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, ଏହି ଟିମ୍ ଉଭୟ ସହରର ବିଭିନ୍ନ ସ୍ଥାନ ଦେଖିବା ପରେ ଅତ୍ୟନ୍ତ ଖୁସି ପ୍ରକଟ କରିଛନ୍ତି। ଭବିଷ୍ୟତରେ ପୁରୀ-ଭୁବନେଶ୍ୱରରେ ଶିଳ୍ପ ଓ ପର୍ଯ୍ୟଟନ ବିକାଶ ଲାଗି ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିନିଧିମଣ୍ଡଳୀ ପ୍ରତିଶ୍ରୁତି ଦେଇଛନ୍ତି।

## ମହାପ୍ରଭୁଙ୍କୁ ପଦ୍ମଫୁଲ ଦାନକଲେ ଭକ୍ତ



ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ମାଘ ଶୁକ୍ଳପକ୍ଷ ତୃତୀୟା ଶନିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦୁର୍ଲଭ ପଦ୍ମବେଶ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭୁବନେଶ୍ୱରର ଚିନ୍ତାମଣି ଦାସ ନାମକ ଜଣେ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଦ୍ମଫୁଲ ଅର୍ପଣ କରିଛନ୍ତି। ଦାସ ଗତ ୧୫ ବର୍ଷ ହେବ ମହାପ୍ରଭୁଙ୍କ ପଦ୍ମବେଶ ଅବସରରେ ମହାପ୍ରଭୁଙ୍କୁ ଲାଗି କରିବା ନିମନ୍ତେ ପଦ୍ମଫୁଲ ଆଣି ଶ୍ରୀମନ୍ଦିରରେ ପ୍ରଦାନ କରୁଛନ୍ତି। ସେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଅଟନ୍ତି। ଚଳିତ ବର୍ଷ ସେ ତାଙ୍କର ଧର୍ମପତ୍ନୀ ଓ ୨ ସାଙ୍ଗଙ୍କ ସହ ଫୁଲ ନେଇ ଶ୍ରୀମନ୍ଦିରକୁ ଆସିଥିଲେ।

ଦାସ କହିଛନ୍ତି, ପଦ୍ମବେଶରେ ମହାପ୍ରଭୁ ସୋଲରେ ସୁସଜ୍ଜିତ ହେଉଛନ୍ତି। ବର୍ତ୍ତମାନ ସମୟରେ ପଦ୍ମଫୁଲ ମିଳୁଥିବାରୁ ସେ ମହାପ୍ରଭୁଙ୍କୁ ପଦ୍ମ ଦେବାପାଇଁ ସ୍ଥିର କରିଥିଲେ। ଫଳରେ ଗତ ୧୪ ବର୍ଷ ଧରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଦ୍ମଫୁଲ ନେଇ ଆସୁଛି। ପୂର୍ବରୁ ଲିଜ୍‌ରେ ପୋଖରୀ ନେଇ ପଦ୍ମଫୁଲ ଚାଷକରି ମହାପ୍ରଭୁଙ୍କୁ ଦେଉଥିଲେ, ହେଲେ କିଛିବର୍ଷ ହେବ ବିଭିନ୍ନ ପୋଖରୀରୁ ଫୁଲ ସଂଗ୍ରହ କରି ଆଣୁଛନ୍ତି। ମହାପ୍ରଭୁଙ୍କ ଲାଗି ୩ ଗୋଟି ବେତାରେ ପଦ୍ମଫୁଲ ଦେଇଛନ୍ତି। ଚଳିତବର୍ଷ ୩ହଜାରରୁ ଅଧିକ ଫୁଲ ପ୍ରଦାନ କରିଛନ୍ତି। ସେହିପରି ମହାଲକ୍ଷ୍ମୀ, ମା' ବିମଳା ଏବଂ ମା' ଭୁବନେଶ୍ୱରୀଙ୍କ ଉଦ୍ଦେଶ୍ୟରେ ୩ଟି ମାଳ ଦେଇଛନ୍ତି। ସୁସ୍ଥଥିବା ଯାଏ ମହାପ୍ରଭୁଙ୍କୁ ପ୍ରତିବର୍ଷ ଏପରି ପଦ୍ମଫୁଲ ଯୋଗେଇ ଦେବି। ସେହିପରି କେତେଜଣ ଭକ୍ତ ନିଜ ଖର୍ଚ୍ଚରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଦ୍ମଫୁଲ ପଠାଇଛନ୍ତି। ତୁଳସୀ ବାବା ଭାବେ ପରିଚିତ ବାବା ରାମଚରଣ ଦାସ ମହାରାଜଙ୍କ ହାତରେ ବେଙ୍ଗାଲୁରୁରେ ରହୁଥିବା ଡ. ଦେବବ୍ରତ ଓ ବଲାଙ୍ଗୀରର କେତେଜଣ ଭକ୍ତ ଫୁଲ ପଠାଇଛନ୍ତି ବୋଲି ତୁଳସୀ ବାବା ମତବ୍ୟକ୍ତ କରିଛନ୍ତି।

## ମାଘ ସପ୍ତମୀ ବୁଡ଼ରେ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ବାଣ୍ଟିବ ଚାରିଟେବଲ ଟ୍ରଷ୍ଟ

କୋଣାର୍କ,୧।୨(ଜ୍ୟୋତିରାଜ ମହାନ୍ତି)

ପବିତ୍ର ମାଘ ସପ୍ତମୀ ବୁଡ଼ ଅବସରରେ ପୁରୀ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚାରିଟେବଲ ଟ୍ରଷ୍ଟ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବ। ଏନେଇ ଶନିବାର କୋଣାର୍କ ଯାତ୍ରୀ ନିବାସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୁବ ସମନ୍ୱିତ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରଷ୍ଟ ସଭାପତି ସୁଶାନ୍ତ କୁମାର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ଟ୍ରଷ୍ଟ ସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ, ଉପସଭାପତି ସୁବାସ ଚନ୍ଦ୍ର ବେଉରା, ସହସମ୍ପାଦକ ବିଚିତ୍ର ଓଝା ଓ ବରିଷ୍ଠ ସଦସ୍ୟ ଚନ୍ଦ୍ରଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ପବିତ୍ର ମାଘ ସପ୍ତମୀ ବୁଡ଼ର ୬ଷ୍ଠୀ ସନ୍ଧ୍ୟାରେ ଚନ୍ଦ୍ରଭାଗାସ୍ଥିତ ଛୋଟାରାମ ଦାସ ଆଶ୍ରମଠାରେ ଏକ ସେବା ଶିବିର ଆୟୋଜନ କରାଯାଇ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ୨ ହଜାରରୁ ଊର୍ଦ୍ଧ୍ୱ ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯିବା ସହ ଶ୍ରଦ୍ଧାଳୁଙ୍କ ସେବା କାର୍ଯ୍ୟ ଦ୍ୱରାନ୍ୱିତ କରିବାକୁ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଥର ପାଇଁ ଟ୍ରଷ୍ଟ ପକ୍ଷରୁ ଏହି ସେବା କାର୍ଯ୍ୟ ଅନୁଷ୍ଠିତ ହେବ। ଆଗାମୀ ଦିନରେ ଟ୍ରଷ୍ଟ ପକ୍ଷରୁ ସମାଜର ଦୁଃସ୍ଥ ଓ ଅନଗ୍ରସର ଶ୍ରେଣୀର ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟ ଅବ୍ୟାହତ ରହିବ ବୋଲି ଟ୍ରଷ୍ଟ ସମ୍ପାଦକ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ଞାନରଞ୍ଜନ



@ -ସୀମାଞ୍ଚଳ



@ ସୁକାନ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଛାତ୍ରୀଛାତ୍ର ଭବିଷ୍ୟତରେ ଭଲ ମଣିଷ ହେବା ଶିକ୍ଷାର ଲକ୍ଷ୍ୟ

ପିପିଲି,୧।୨(ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ଅଧୀନ ଓରକଳ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ସାମାଜିକ କର୍ମୀ ଯୁବନେତା ସରୋଜ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ପିପିଲି ଜବାହର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପୀତବାସ ସେଠୀ, ସମ୍ମାନିତ ଅତିଥି ଭାବେ ଖବରଦାତା ତଥା ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ସଭାପତି ପ୍ରଭାତ କୁମାର ମହାପାତ୍ର, ଆମିତି ଇଣ୍ଡିଆ ମୁଖ୍ୟ ସୁରେଶ କୁମାର ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳୁଚରଣ ଭଞ୍ଜ ଓ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଚଳିତବର୍ଷ କ୍ରୀଡ଼ାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତି ଲେଙ୍କାଙ୍କୁ ପ୍ରଶଂସା ମାନପତ୍ର ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ସହ ସମାଜର ସଚେତନ ନାଗରିକ ଭାବରେ ପରିଗଣିତ କରାଇବା ଶିକ୍ଷାର ବିଶେଷ ଲକ୍ଷ୍ୟ ବୋଲି ଉପସ୍ଥିତ ଅତିଥି ବକ୍ତବ୍ୟ ରଖିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଜ୍ଞାନ ଶିକ୍ଷକ ବିକାଶ କୁମାର ଅଗ୍ରୱାଲ ସମସ୍ତ କାର୍ଯ୍ୟ ପରିଚାଳନା ଓ ସଭାକୁ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତି ଲେଙ୍କା ସଭାପତିତ୍ୱ କରିଥିଲେ।

## ସାକ୍ଷୀଗୋପାଳ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ

ସାକ୍ଷୀଗୋପାଳ,୧।୨(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଖେଳ ପଡ଼ିଆରେ ୨ ଦିନ ଧରି ଆୟୋଜିତ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟ ଶିବସୁନ୍ଦର ମିଶ୍ର ଉତ୍ସବ ଉଦ୍‌ଘାଟନ କରିଥିଲେ। ଦେଶ ବିଦେଶରେ କ୍ରୀଡ଼ାର ଭୂମିକା ଏବଂ ଏସିଆନ କ୍ରୀଡ଼ାରେ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ସଫଳତା ବିଷୟରେ କଲେଜ ଆଥ୍‌ଲେଟିକ ସଭାପତି ବୈକୁଣ୍ଠ ମେହେର ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ଆଥଲେଟିକ ସଭାପତି ପ୍ରକାଶ ସାହୁ, ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସଂସ୍କୃତ ବିଭାଗ ପ୍ରାଧ୍ୟାପିକା ସୁଜାତା ମହାପାତ୍ର ମଞ୍ଚ ସଞ୍ଚାଳନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ରଘୁନାଥ ପରିଡ଼ା କ୍ରୀଡ଼ା ପରିଚାଳନା କରିଥିଲେ। ଆଥଲେଟିକ୍ ସଭାପତି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫେବୃଆରୀ ୧୪ରୁ ସତ୍ୟବାଦୀ ମହୋତ୍ସବ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ଫେବୃଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଞ୍ଚସଖା ପଡ଼ିଆଠାରେ ୮ମ ସତ୍ୟବାଦୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବକୁ ଆକର୍ଷଣୀୟ ତଥା ଶୃଙ୍ଖଳାର ସହ ଆୟୋଜନ ପାଇଁ ଶନିବାର ସର୍କିଟ ହାଉସଠାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ମହୋତ୍ସବ ଏକ ଭାଇଚାରା ଓ ସଦ୍‌ଭାବନା ସୃଷ୍ଟି କରିବାରେ ସହାୟକ ହେଉଥିବାରୁ ଏହାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଚଳିତବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ସହ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ମାଧ୍ୟମରେ ଜ୍ୟୋତି ଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ ରଖି ମହୋତ୍ସବକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ମଞ୍ଚ ପ୍ରସ୍ତୁତି, ଉତ୍ସବ ପଡ଼ିଆ ସାଜସଜ୍ଜା, ମେଳା ଆୟୋଜନ, ରାସ୍ତା ମରାମତି, ବିଦ୍ୟୁତ୍ ଯୋଗାଣ, ଅଗ୍ନିଶମ ବ୍ୟବସ୍ଥା, ପ୍ରଚାର ପ୍ରସାର, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନର ପୂର୍ବତନ ସମ୍ପାଦକ ଜାନକୀ ବଲ୍ଲଭ ବରାଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ-ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀ ମହୋତ୍ସବ କମିଟି କର୍ମକର୍ତ୍ତା ଭବାନୀ ଶଙ୍କର ନନ୍ଦ, ପ୍ରିୟରଞ୍ଜନ, ଦୀପକ ଶତପଥୀ, ବଦ୍ରିନାରାୟଣ ଖଟୋଇ, ଦିଲୀପ କୁମାର ମହାନ୍ତି, ରଞ୍ଜନ କୁମାର ବରାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ, ଦାବିପତ୍ର ପ୍ରଦାନ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)



ଆର୍‌ଏସ୍‌ଏସ୍ ମୁଖ୍ୟଙ୍କ ମନ୍ତବ୍ୟକୁ ବିରୋଧକରି ଛାତ୍ର କଂଗ୍ରେସ ପକ୍ଷରୁ କରାଯାଇଥିବା ବିକ୍ଷୋଭ ପ୍ରଦର୍ଶନକୁ ଭାଜପା ଓ ପୋଲିସ ନୂଆରୂପ ଏବଂ ମିଥ୍ୟା ଅଭିଯୋଗରେ କେତେଜଣ କର୍ମୀଙ୍କ ଗିରଫକୁ ବିରୋଧ କରି ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଶନିବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଦେଶରେ ୨୦୧୪ ସାଧାରଣ ନିର୍ବାଚନଠାରୁ ଆରମ୍ଭ କରି ୨୦୨୫ ପର୍ଯ୍ୟନ୍ତ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ବିରୋଧୀ ଦଳ ନେତା ଓ କର୍ମୀମାନଙ୍କୁ ରାଷ୍ଟ୍ର ବିରୋଧୀର ପ୍ରମାଣପତ୍ର ଦେବା ସହ ଭାଜପାର ଶୀର୍ଷ ନେତୃତ୍ୱ ବିରୋଧରେ ଯଦି କେହି କିଛି ମନ୍ତବ୍ୟ ପ୍ରଦାନ କଲେ ତେବେ ତାଙ୍କୁ ଦେଶଦ୍ରୋହୀର ଆଖ୍ୟାଦେବାକୁ ମଧ୍ୟ ପଛାଇ ନାହାନ୍ତି। ଗତ କିଛିଦିନ ତଳେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ଏକ ସଭାରେ ସମସ୍ତ ସ୍ୱାଧୀନତା ସେନାନୀଙ୍କ ବଳିଦାନକୁ ବେଖାତିର କରି ଅପମାନିତ କରିବା ଭଳି ମନ୍ତବ୍ୟ ଦେଇଥିଲେ ଯେ ଦେଶ ୧୯୪୭ରେ ସ୍ୱାଧୀନତା ପାଇନାହିଁ ବରଂ ରାମ ମନ୍ଦିର ପ୍ରତିଷ୍ଠା ପରେ ଦେଶ ସ୍ୱାଧୀନତା ପାଇଥିବା ଭଳି ଭାଷଣ ଦେଇ ଦେଶ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପହାସ କରିଥିଲେ। ଏହି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ଛାତ୍ର କଂଗ୍ରେସ ପକ୍ଷରୁ ମୋହନ ଭାଗବତଙ୍କୁ ଓଡ଼ିଶା ମାଟିରେ ପାଦ ଦେଲେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସ୍ପଷ୍ଟ ଚେତାବନୀ ଦିଆଯାଇଥିଲା। ଗତ ୩୦ ତାରିଖରେ ମୋହନ ଭାଗବତଙ୍କ ଓଡ଼ିଶା ଗସ୍ତ ସମୟରେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିଥିଲେ। କିନ୍ତୁ ଦୁଃଖର ବିଷୟ, ଉଭୟ ରାଜ୍ୟ ଓ କେନ୍ଦ୍ରରେ ଥିବା ଭାଜପା ଦଳ, ଆର୍‌ଏସ୍‌ଏସ୍ ଓ ପୋଲିସ ବିଭାଗର ମିଳିତ ପ୍ରୟାସରେ ଗଣତାନ୍ତ୍ରିକ ପଦ୍ଧତିରେ କରାଯାଇଥିବା ବିରୋଧ ପ୍ରଦର୍ଶନକୁ ଏକ ନୂଆ ରୂପରେଖ ଦିଆଯାଇ ଛାତ୍ର କଂଗ୍ରେସ କର୍ମୀମାନଙ୍କୁ ଅପରାଧୀ ଭଳି ମାଡ଼ ମାରିବା ସହ ଜେଲ୍ ପଠାଇ ଦିଆଯାଇଛି, ଯାହାକି ଗ୍ରହଣୀୟ ନୁହେଁ। ଯଦି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ଓ ଅନ୍ୟ କର୍ମୀମାନଙ୍କୁ ହାଜତରୁ ମୁକ୍ତ ନ କରାଯାଏ ତେବେ ଜିଲାସ୍ତରୀୟ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ସହ ପୁରୀ ଗସ୍ତରେ ଆସୁଥିବା ଉଭୟ ରାଜ୍ୟ ଓ ରାଷ୍ଟ୍ରୀୟ ଭାଜପା ନେତୃବୃନ୍ଦଙ୍କୁ ଛାତ୍ର କଂଗ୍ରେସର ଆକ୍ରୋଶ ଓ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। ଜିଲା ଛାତ୍ର କଂଗ୍ରେସ ପୂର୍ବତନ ସଭାପତି ଆଶୁତୋଷ ମିଶ୍ର, ପୂର୍ବତନ ପୁରୀ ସଦର ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ପଣ୍ଡା ଓ ପିସିସି ସୋସିଆଲ୍ ମିଡିଆ ଯୁଗ୍ମ ସମ୍ପାଦକ ମନୋଜ ବେହେରାଙ୍କ ନେତୃତ୍ୱରେ ଶତାଧିକ ଛାତ୍ର କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

## ୭ରେ ଜିଲାପାଳ କାର୍ଯ୍ୟାଳୟ ଆଗରେ ଇସି ସଦସ୍ୟଙ୍କ ସମାବେଶ

ଯାଁଳା,୧।୨(ବୁଲା ବାରିକ): ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତିର ଇସି ସଦସ୍ୟଙ୍କୁ ସରକାର ରିଷ୍ଟ୍ରକ୍ଚରିଙ୍ଗ୍ ନାମରେ ବିଦା କରିବା ନିଷ୍ପତ୍ତି ପ୍ରତିବାଦ ସହ ବିଭିନ୍ନ ଦାବି ନେଇ ଆସନ୍ତା ୭ ତାରିଖରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ। ଏନେଇ ଖୋର୍ଦ୍ଧା ଓଗାଳପଡ଼ା ବାଟଭୁଆସୁଣୀ ମନ୍ଦିର ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ବିଦ୍ୟୁଲତା ବେହେରା ଅଧ୍ୟକ୍ଷତା କରିଥିବାବେଳେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ, ଉପସଭାପତି ପୁଷ୍ପାଞ୍ଜଳି ଜେନା, ଡିଏଲ୍ଏଫ୍‌ର ଅଞ୍ଜୁମାନ ଆରା ପ୍ରମୁଖ ଯୋଗଦେଇଥିଲେ।

# ବିବାଦରେ ଚଳଚ୍ଚିତ୍ର 'ସନାତନୀ–କର୍ମ ହିଁ ଧର୍ମ'

**ଗୋଇନ୍ଦା ବିଭାଗର ସତର୍କତା ସତ୍ତ୍ୱେ ୭ରେ ରିଲିଜ୍ ଘୋଷଣା**

**ରୋକ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଖ୍ରୀଷ୍ଟିଆନ ସମ୍ପ୍ରଦାୟ**

ଭୁବନେଶ୍ୱର,୧।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଚଳଚ୍ଚିତ୍ର 'ସନାତନୀ–କର୍ମ ହିଁ ଧର୍ମ' ରିଲିଜ୍ ହେବା ପୂର୍ବରୁ ବିବାଦରେ ଛନ୍ଦିହୋଇଯାଇଛି। ଧର୍ମାନ୍ତରୀକରଣ ଓ ଧର୍ମାନ୍ତରିତଙ୍କ କାହାଣୀ ଉପରେ ନିର୍ମିତ ଏହି ଚଳଚ୍ଚିତ୍ର ଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ନେଇ ଗୋଇନ୍ଦା ବିଭାଗ ସତର୍କ କରିଛି। ଅନ୍ୟପକ୍ଷରେ କନ୍ଧମାଳର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଫିଲ୍ମ ରିଲିଜ୍ ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି। ଏମିତି ଫିଲ୍ମ କରି ପ୍ରଯୋଜକ କ'ଣ ପ୍ରମାଣିତ କରିବାକୁ ଚାହୁଁଛନ୍ତି ବୋଲି ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପ୍ରଶ୍ନ ଉଠାଇଛି। ତେବେ ଏପରି ଦାବି ଓ ସତର୍କତା ସତ୍ତ୍ୱେ ଫିଲ୍ମ ରିଲିଜ କରିବାକୁ ଜିଦ୍ ଧରିଛନ୍ତି ପ୍ରଯୋଜକ ବିଜୟ କାଣ୍ଡୋଇ। ରୋଟାରି କ୍ଲବ୍‌ରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଫିଲ୍ମକୁ ନେଇ କୌଣସି ଉତ୍ତେଜନା ବା ଦଙ୍ଗା ସୃଷ୍ଟିହେବ ନାହିଁ। ଫିଲ୍ମରେ କୌଣସି ଧର୍ମକୁ ଅପମାନ କରାଯାଇ ନାହିଁ। ଏଥିରେ ସନାତନ ଧର୍ମର କିଭଳି ରକ୍ଷା ହୋଇପାରିବ ତାହା କାହାଣୀରେ ପ୍ରଦର୍ଶିତ ହୋଇଛି। ଓଡ଼ିଶାରୁ ନୁହେଁ ମୁମ୍ବାଇ ସେନ୍‌ସର ବୋର୍ଡରୁ ୟୁଏ ସାର୍ଟିଫିକେଟ ମିଳିଛି। ଆସନ୍ତା ୭ ତାରିଖରେ ଫିଲ୍ମ ରିଲିଜ ହେବ ବୋଲି ସିନେ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।





ସୂଚନା ଭବନଠାରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନରୀରେ ବିଧାୟକ ବାବୁ ସିଂ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

## ଶିବାନୀ ନାୟକଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,୧।୨(ସୌମ୍ୟରଞ୍ଜନ ରାଉତ)

ଶିବାନୀ ନାୟକଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଳ୍ପୀ ମାନସ ରଞ୍ଜନ ଜେନାଙ୍କ ସହ ଅନ୍ୟ ଅତିଥିମାନେ ଯୋଗଦେଇ ପ୍ରଦର୍ଶନୀ ବୁଲି ଦେଖିବା ସହ ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ୫୦ଟି ଚିତ୍ରକଳା ସ୍ଥାନ ପାଇଛି। ଶିବାନୀ ଜଣେ ସୁଗୃହିଣୀ ହୋଇ ମଧ୍ୟ ନିଜସ୍ୱ ପ୍ରଚେଷ୍ଟାରେ ଗୁରୁ ସଙ୍ଗୀତା ସ୍ୱାଇଁଙ୍କଠାରୁ ପ୍ରେରଣା ପାଇ ସମସ୍ତ ଚିତ୍ର ପ୍ରସ୍ତୁତ କରିଛନ୍ତି। କଳାପ୍ରେମୀମାନେ ପ୍ରଦର୍ଶନୀକୁ ଆସି ତାଙ୍କୁ ଉତ୍ସାହିତ କରିବା ନିମନ୍ତେ ଶିବାନୀ ଅନୁରୋଧ କରିଛନ୍ତି।

## 'ମାୟାବର୍ତ୍ତ'ର ବଙ୍ଗଳା ଅନୁବାଦ ଲୋକାର୍ପିତ

ଭୁବନେଶ୍ୱର,୧।୨(ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ ନାୟକଙ୍କ ଗଳ୍ପ ସଂକଳନ 'ମାୟାବର୍ତ୍ତ'ର ବଙ୍ଗଳା ଅନୁବାଦ ପୁସ୍ତକ ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଲୋକାର୍ପିତ ହୋଇଯାଇଛି। ଉତ୍ସବରେ ଲେଖକ ନାୟକଙ୍କ ସମେତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ପ୍ରଫେସର ଡ. କୁସୁମବାଳା ମଲ୍ଲିକ, ଅନୁବାଦକ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ର, ହିନ୍ଦୀ ଲେଖକ ସୁନୀଲ ତ୍ରିବେଦୀ, ସାହିତ୍ୟିକ ବିନୋଦ କୁମାର ଅଗ୍ରୱାଲ, କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ଏବଂ କବି ଗାୟତ୍ରୀବାଳା ପଣ୍ଡା ଉପସ୍ଥିତ ଥିଲେ। ବିଜୟଙ୍କ ଏହି ଗଳ୍ପ ବଙ୍ଗଳା ସାହିତ୍ୟିକା ଭାରତୀ ନନ୍ଦୀଙ୍କ ଦ୍ୱାରା ଅନୂଦିତ ହୋଇଛି। କୋଲ୍‌କାତାର ସୁଦର୍ଶନ ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ବିତରକ ହେଉଛନ୍ତି କୋଲକାତାର ପ୍ରଭା ପ୍ରକାଶନୀ। ୨୨ଟି ଗଳ୍ପର ସମାହାର ଏହି ସଂକଳନଟି ବଙ୍ଗୀୟ ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ମଞ୍ଚାସୀନ ଅତିଥିବୃନ୍ଦ କହିଛନ୍ତି।

## ସାହିତ୍ୟିକଙ୍କ ଲେଖନୀରେ ସମାଜ ସୁସ୍ଥ, ସମୃଦ୍ଧ ହୁଏ

ଭୁବନେଶ୍ୱର,୧।୨(ସୌମ୍ୟରଞ୍ଜନ ରାଉତ)

ସାହିତ୍ୟିକମାନେ ହେଉଛନ୍ତି ସମାଜର ଚିକିତ୍ସକ। ଯେଉଁ ସମୟରେ ସମାଜ ଅସୁସ୍ଥ ହୋଇପଡ଼େ, ସେହି ସମୟରେ ସାହିତ୍ୟିକଙ୍କ ଲେଖନୀ ଚାଳନାରେ ସମାଜ ସୁସ୍ଥ ଓ ସମୃଦ୍ଧ ହୋଇଥାଏ ବୋଲି ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ ସାହିତ୍ୟିକ ବିବେକାନନ୍ଦ ପାଣିଗ୍ରାହୀ କହିଛନ୍ତି। ବୁଦ୍ଧ ମନ୍ଦିରଠାରେ ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ପାଣିଗ୍ରାହୀଙ୍କ ସହ ଅନ୍ୟ ଅତିଥିମାନେ ଶୁଭଶ୍ରୀ ପଟ୍ଟନାୟକଙ୍କ ରଚିତ ପୁସ୍ତକ 'ଜୀବନ ପରମ୍ପରା ଓ ଆଧ୍ୟାତ୍ମିକତା' ଓ କବି ବାସନ୍ତୀ ଦାସଙ୍କ କବିତା ସଙ୍କଳନ 'ଭୁଲି ଯାଇଥିବା କବିତା'କୁ ଲୋକାର୍ପଣ କରିଥିଲେ। ଏକ ସଶକ୍ତ ଓ ସୁସ୍ଥ ସମାଜ ଗଠନରେ ମାନବିକ ମୂଲ୍ୟବୋଧ, ଜୀବନ ଦର୍ଶନ ଓ ଆଧ୍ୟାତ୍ମିକତା ସହ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଓ ପରିପୂରକ। ଏଥିରୁ ଗୋଟିକରେ ବ୍ୟତିକ୍ରମ ଅବା ବିଚ୍ୟୁତି ଘଟିଲେ ସାମାଜିକ ଶୃଙ୍ଖଳାରେ ବ୍ୟାଘାତ ଘଟିଥାଏ ବୋଲି ଅନ୍ୟ ଅତିଥିମାନେ କହିଥିଲେ। ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରୋକ୍ଟୋଲୋଜି ପାଠ୍ୟକ୍ରମ ଶୁଭାରମ୍ଭ

ବାରଙ୍ଗ,୧।୨(ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟସ୍ଥିତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ, ଚିକିତ୍ସାଳୟ ଓ ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟିର ମିଳିତ ଉଦ୍ୟମରେ ପ୍ରୋକ୍ଟୋଲୋଜି ବର୍ଷକିଆ ଡିପ୍ଲୋମା ପାଠ୍ୟକ୍ରମ ଶନିବାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପ୍ରତାପ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ଯୁଗରେ ନୂତନ ଭାବରେ ଆୟୁର୍ବେଦ ଶଲ୍ୟଚିକିତ୍ସା ଶୈଳୀ ଦ୍ୱାରା ମଳଦ୍ୱାର ସମ୍ପର୍କିତ ସମସ୍ତ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ବିଷୟରେ ମୁଖ୍ୟ ଅତିଥି ପ୍ରଫେସର ଚତୁର୍ଭୁଜ ଭୂୟାଁ ମତବ୍ୟକ୍ତ କରିଥିଲେ। ଶଲ୍ୟ ବିଭାଗ ପ୍ରଫେସର ରବିନାରାୟଣ ତ୍ରିପାଠୀ ପ୍ରୋକ୍ଟୋଲୋଜି ବିଷୟରେ କହିଥିଲେ। ଡିନ୍ ପ୍ରଫେସର ପ୍ରଦୀପ ପଣ୍ଡା ଅତିଥିଙ୍କୁ ସ୍ୱାଗତ ଓ ଡାକ୍ତର ରାଜେଶ ମହାରଥା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।





ଆଜି ମା' ସରସ୍ୱତୀଙ୍କ ପୂଜା: ଭୁବନେଶ୍ୱର ୟୁନିଟ୍–୧ରେ ବିକ୍ରି ପାଇଁ ରହିଥିବା ବିଦ୍ୟାଦାତ୍ରୀଙ୍କ ମୃଣ୍ମୟୀ ମୂର୍ତ୍ତି। (ଫଟୋ– ବିକାଶ ନାୟକ)

## ମତ୍ସ୍ୟ–ପ୍ରାଣୀ ସମାବେଶ ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧।୨(ବନ୍ଦନା ସେଠୀ)– ରାଜ୍ୟସ୍ତରୀୟ ମତ୍ସ୍ୟ–ପ୍ରାଣୀ ସମାବେଶ ଆସନ୍ତା ୧୪ ତାରିଖରୁ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଆରମ୍ଭ ହେବ। ଏନେଇ ଓଡ଼ିଶା ପ୍ରାଣୀସମ୍ପଦ ବିକାଶ ସମିତିଠାରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଅଧ୍ୟକ୍ଷତା କରି ସମାବେଶର ସଫଳ ଆୟୋଜନ ନେଇ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥର ସମାବେଶରେ ରାଜସ୍ଥାନରୁ ଚାମ୍ପିୟନ ମଇଁଷି ଷଣ୍ଢ ଭୀମ ଆସିବ। ଏଥିସହ ପୁଙ୍ଗନୂର୍ ଗାଈ ପ୍ରଦର୍ଶିତ ହେବ। ସମାବେଶରେ ସର୍ବଭାରତୀୟସ୍ତରରୁ ବିଭିନ୍ନ କମ୍ପାନୀ ଓ ଅନୁଷ୍ଠାନ ସେମାନଙ୍କ ଷ୍ଟଲ୍ ଖୋଲିବେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରଦର୍ଶନ ହେବ ବୋଲି ସେ କହିଛନ୍ତି। ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ସାଦିକ୍ ଆଲାମ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ରିୟୁଜ୍, ରିଫ୍ୟୁଜ୍, ରିପେୟାର, ରିସାଇକେଲ' ପରିବେଶ ସୁରକ୍ଷାର ମନ୍ତ୍ର

**'ଭଏସ୍ ଚେଞ୍ଜ: ବିଲ୍ଡିଂ ସଷ୍ଟେନେବଲ୍ ଆଣ୍ଡ ଇନ୍‌କ୍ଲୁସିଭ୍ ବିଜ୍‌ନେସ୍' ସମ୍ମିଳନୀ**

ଭୁବନେଶ୍ୱର,୧।୨(ଅନୁରାଧା ମହାରଣା)




ସମ୍ମିଳନୀରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଅନ୍ୟ ଅତିଥି।

ଆଶ୍ୱଦୀତ୍ ଫାଉଣ୍ଡେଶନ ଏବଂ ଡାଇଭର୍ସଅସ୍ ସୋସାଇଟି ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ 'ଭଏସ୍ ଚେଞ୍ଜ: ବିଲ୍ଡିଂ ସଷ୍ଟେନେବଲ୍ ଆଣ୍ଡ ଇନ୍‌କ୍ଲୁସିଭ୍ ବିଜ୍‌ନେସ୍' ଉପରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକ ଏମ୍ଏସ୍ଏମ୍ଇ ଡିଆଇର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା ଏବଂ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍ଆର୍‌ଡି ଆଣ୍ଡ ଆଡ୍‌ମିନିଷ୍ଟ୍ରେଶନ) ଆଶୁତୋଷ ରଥ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ସୁରେଖା ରାଉତରାୟ ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ସୋସାଇଟି ଟ୍ରଷ୍ଟର ଟ୍ରଷ୍ଟି ଅର୍ଚ୍ଚନା ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ ୪ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ 'ଶିଳ୍ପକ୍ଷେତ୍ରରେ ଶୂନ୍ୟ ନିର୍ଗମନ' ଉପରେ ଅତିଥିମାନେ ଆଲୋଚନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଆର୍‌କେଏଫ୍ଏଲ୍‌ର ସିପିଓ ଅଜୟ ମିଶ୍ର, ସିଇଏସ୍ଇ ସିଏସ୍ଆର୍ ହେଡ୍ ଡ. ନିପା ଶାହା ଶର୍ମା ଆଲୋଚକ ଭାବେ ଯୋଗଦେଇ ଶିଳ୍ପ କ୍ଷେତ୍ରରୁ ଶୂନ୍ୟ ନିର୍ଗମନ କିପରି ସମ୍ଭବ ହୋଇପାରିବ ସେ ଦିଗରେ ମତ ରଖିଥିଲେ। ଏହି ଅବସରରେ ଆଦ୍ୟାଶା କହିଲେ, ରିୟୁଜ୍, ରିଫ୍ୟୁଜ୍, ରିପେୟାର, ରିସାଇକେଲ୍ ମନ୍ତ୍ର ପରିବେଶ ସୁରକ୍ଷା ଦିଗରେ ସହାୟକ ହେବ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ପରିବେଶ ସୁରକ୍ଷା ସମ୍ପର୍କିତ ଖବର ଲଗାତର ପ୍ରକାଶନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ତୃଣମୂଳସ୍ତରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କହିବା ଦିଗରେ ପ୍ରୟାସ ଜାରି ରହିଥିବାବେଳେ ଅନ୍ୟମାନେ ମଧ୍ୟ ଏ ଦିଗରେ ଆଗେଇ ଆସିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଡ. ନୟନା ମିତ୍ର ସମ୍ମିଳନୀ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ 'ଡାଇଭର୍ସିଟି ଆଣ୍ଡ ଇନ୍‌କ୍ଲୁଜନ ଇନ୍ ଫିନ୍‌ଟେକ୍ ସର୍ଭିସେସ୍' ଓ ୩ୟ ଅଧିବେଶନରେ 'ସଷ୍ଟେନେବଲ୍ ପ୍ଲେଟସ୍' ଉପରେ ଆଲୋଚନା ହୋଇଥିବାବେଳେ ଶେଷ ତଥା ୪ର୍ଥ ଅଧିବେଶନରେ 'ରୋଲ୍ ଅଫ୍ ଟେକ୍ନୋଲୋଜି ଫର୍ ଏନ୍‌ହାନ୍‌ସିଂ ଇନ୍‌କ୍ଲୁଜନ୍' ସମ୍ପର୍କରେ ମତ ବିନିମୟ କରାଯାଇଥିଲା। ପ୍ରତି ଅଧିବେଶନ ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରହିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜ୍ଞାନରଞ୍ଜନ



@ ସୀମାଞ୍ଚଳ



@ ସୁକାନ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## 'ନିଷ୍ଠାପରତା ବିଦ୍ୟାର୍ଥୀଙ୍କୁ ଶୀର୍ଷସ୍ଥାନରେ ପହଞ୍ଚାଏ'

ବାଲିପାଟଣା,୧।୨(ଅଭିମନ୍ୟୁ ନାୟକ)

ଶିଶୁ ଅନନ୍ତ ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଶନିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମଧୁମିତା ରଥଙ୍କ ସଭାପତିତ୍ୱରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ନିଷ୍ଠାପରତା ହିଁ ବିଦ୍ୟାର୍ଥୀଙ୍କୁ ଶୀର୍ଷସ୍ଥାନରେ ପହଞ୍ଚାଏ। ଆଗାମୀ ଦିନରେ ମହାବିଦ୍ୟାଳୟର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ରଣଜିତ୍ କୁମାର ପ୍ରଧାନ ଯୋଗଦେଇ ପ୍ରତ୍ୟେକ ଅନୁଷ୍ଠାନର ବିକାଶ ପାଇଁ ମିଳିତ ସହଯୋଗ ଓ ଆନ୍ତରିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଅଧ୍ୟାପିକା ରଶ୍ମିତା ମହାପାତ୍ର ମଞ୍ଚାସୀନ ଥିଲେ। ଅଧ୍ୟାପିକା ଅର୍ଚ୍ଚନା ବିଶ୍ୱାଳ ଅତିଥି ପରିଚୟ ଓ ଅଧ୍ୟାପିକା ମାନସୀ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଲୁମ୍ନି କମିଟି ସଭାପତି ଲକ୍ଷ୍ମଣ ପଟ୍ଟନାୟକ, ବନମାଳିପୁର କଲେଜ ଅଧ୍ୟକ୍ଷ ମୁରଲୀଧର ସାହୁ, ପୂର୍ବତନ ଅଧ୍ୟାପକ ରାଧାକାନ୍ତ ମହାନ୍ତିଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ତୋଷାଳି ସାହିତ୍ୟ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର,୧।୨(ଅଭୟ ଦାଶ)

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ତୋଷାଳି ସାହିତ୍ୟ ଉତ୍ସବ ଶନିବାର ଭୁବନେଶ୍ୱର ଉପକଣ୍ଠ ରାଞ୍ଚ ରିସର୍ଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ ସମ୍ମାନ ବିଜେତା ବିଶିଷ୍ଟ ଲେଖକ ଶରଣ କୁମାର ଲିମ୍ବାଲେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖକ ଆୟାଜ ରସୁଲ ନଜକୀ, ରାଜ ରାଜେଶ୍ୱରୀ ସୀତାରମଣ, ଚନ୍ଦ୍ରହାସ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କବି ଜୟନ୍ତ ମହାପାତ୍ରଙ୍କ ସ୍ମୃତିରେ ପ୍ରତିବର୍ଷ ଦିଆଯାଉଥିବା ଜାତୀୟ ପୁରସ୍କାର, ଚଳିତ ବର୍ଷ ଇନ୍ଦୋରର ବରିଷ୍ଠ ଇଂରାଜୀ କବି ବିନିତା ଅଗ୍ରୱାଲଙ୍କୁ ୫୦,୦୦୦ ଟଙ୍କା ଏବଂ ସମ୍ମାନ ଫଳକ ସହ ପ୍ରଦାନ କରାଯାଇଥିଲା। ସେହିଭଳି ଉଦୟଗିରି ଫାଉଣ୍ଡେଶନର ଅଧ୍ୟକ୍ଷ ଜୟ ଜଗଦ୍ଦେବ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଉତ୍ସବର ନିର୍ଦ୍ଦେଶକ ପରେଶ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଦେଶ ଓ ବିଦେଶରୁ ଶତାଧିକ ଲେଖକ ଯୋଗଦେଇଛନ୍ତି। ଏପରିକି ୨ ଦିନବ୍ୟାପୀ ଏହି ସଂସ୍କରଣରେ ପୁସ୍ତକ ଉନ୍ମୋଚନ, ଆଲୋଚନାଚକ୍ର ଓ କବିତା ପାଠ ଭଳି କାର୍ଯ୍ୟକ୍ରମ ସାମିଲ ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ନିରୀକ୍ଷକଙ୍କ କଲମଛାଡ଼ ଆନ୍ଦୋଳନ

## ନିରାଶରେ ଫେରୁଛନ୍ତି ଲୋକେ

ତ୍ରିଶୂଳିଆ, ୧।୨ (ତୁଷାରକାନ୍ତ ବେହେରା)

ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୨ ଦିନ ହେବ ଉକ୍ତ ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକ, ଉପ ରାଜସ୍ୱ ନିରୀକ୍ଷକ କଲମଛାଡ଼ ହରତାଳରେ ବସିଛନ୍ତି। ଫଳରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ କୌଣସି ପ୍ରକାର କାର୍ଯ୍ୟ ହୋଇପାରୁନି। ଲୋକେ ଦୂର ଦୂରାନ୍ତରୁ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରୁଛନ୍ତି।

ଖବରରୁ ପ୍ରକାଶ, କଟକ ସଦର ତହସିଲ ସୁପରଭାଇଜର ନବୀନ୍ଦ୍ର ମୁଣ୍ଡା ଏକ ତଦନ୍ତ କରିବାକୁ ଯାଇଥିବାବେଳେ ପ୍ରମୋଦ ସାହୁ ନାମକ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ କଟକ ଜିଲା ରାଜସ୍ୱ ନିରୀକ୍ଷକ, ଉପରାଜସ୍ୱ ନିରୀକ୍ଷକ ସଂଘ କଲମଛାଡ଼ ହରତାଳରେ ବସି ରହିଛି। ଜିଲାରେ ସମସ୍ତ ତହସିଲ ଅଧୀନରେ ଥିବା ନିରୀକ୍ଷକ ହରତାଳ କରିବେ। ଯେପର୍ଯ୍ୟନ୍ତ ଦୋଷୀଙ୍କୁ ଦଣ୍ଡ ନ ମିଳିଛି କାର୍ଯ୍ୟରେ ଯୋଗଦେବେନାହିଁ ବୋଲି ବାରଙ୍ଗ ତହସିଲର ରାଜସ୍ୱ ନିରୀକ୍ଷକମାନେ କହିଛନ୍ତି।


ହରତାଳରେ ବସିଥିବା ରାଜସ୍ୱ ନିରୀକ୍ଷକମାନେ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ୧୦ ଫୁଟ୍ ତଳକୁ ଖସିଲା ହାଇଓ୍ୱା



ବାଙ୍କୀ, ୧।୨ ( ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ– କଟକ ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ଏକ ହାଇଓ୍ୱା ୧୦ ଫୁଟ ତଳକୁ ଖସିପଡ଼ିଛି। ଏହି ରାସ୍ତାର କୁଶପଙ୍ଗିଠାରେ ଗାଡି ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ହାଇଓ୍ୱାଟି ଗଛରେ ପିଟି ହୋଇ ରାସ୍ତାରୁ ତଳକୁ ଖସି ଓଲଟି ପଡ଼ିଥିଲେ। ଏଥିରେ ଚାଳକ ଆହତ ହୋଇଥିବାବେଳ ଜଣେ ବାଟୋଇ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ଖବରପାଇ ଘଟଣାସ୍ଥଳରେ ତାଳବସ୍ତ ଫାଣ୍ଡି ଅଧିକାରୀ ଭୀଷ୍ମଚରଣ ପ୍ରଧାନ ପହଞ୍ଚି ଡ୍ରାଇଭରଙ୍କୁ ଆମ୍ବୁଲାନ୍ସ ଯୋଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅନ୍ୟପଟେ ଗଛ ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ହେତୁ ଗାଡି ଚଳାଚଳ ବ୍ୟାହତ ହୋଇଥଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଫାଣ୍ଡି ଅଧିକାରୀ ପ୍ରଧାନ ରାସ୍ତାରୁ ଏହାକୁ ସଫା କରିବା ପରେ ଗାଡ଼ି ଚଚଳ ସ୍ୱାଭାବିକ ହୋଇଥିଲା।

### ନୂତନ ଅତିରିକ୍ତ ଉପଜିଲାପାଳଙ୍କ ଯୋଗଦାନ



ବାଙ୍କୀ,୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର):ବାଙ୍କୀରେ ନୂତନ ଅତିରିକ୍ତ ଜିଲାପାଳ ଭାବେ ସୁଶ୍ରୀ ଚିନ୍ମୟୀଚେତନା ଦାସ ଯୋଗଦାନ କରିଛନ୍ତି। ସୁଶ୍ରୀ ଦାସ ୨୦୧୬ରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଟପ୍ପର ହୋଇଥିଲେ। ଏହା ପୂର୍ବରୁ ସେ ତାଳଚେରର ବିଡିଓ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ସୁଶ୍ରୀ ଦାସଙ୍କୁ ବାଙ୍କୀ ଉପଖଣ୍ଡରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଡେପୁଟି କଲେକ୍ଟର ହୃଷୀକେଶ ତ୍ରିପାଠୀ, ସହକାରୀ ଜିଲାପାଳ ପ୍ରିୟଙ୍କା ଜୁଝାର ସିଂହ, ଉପବିଭାଗ ଅଧିକାରିଣୀ ଜୟନ୍ତୀ ରାଉତ, ନାଜର ପଠାଣି ବାରିକଙ୍କ ସମେତ ସମସ୍ତ କର୍ମଚାରୀ ନୂତନ ଅତିରିକ୍ତ ଉପଜିଲାପାଳଙ୍କୁ ସ୍ୱାଗତ କରିଥିଲେ।

### ରାଣୀ ଶୁକଦେଈଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ,୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)– ସିଦ୍ଧି ବିନାୟକ କଲେଜ ଅନୁଗୋଳର ଛାତ୍ରୀଛାତ୍ରମାନେ ବାଙ୍କୀର ଇଷ୍ଟଦେବୀ ମା'ଚର୍ଚ୍ଚିକାଙ୍କ ଦର୍ଶନରେ ଆସିବା ସହ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନରେ କରିଥିଲେ। ସିଦ୍ଧି ବିନାୟକ କଲେଜର ନିର୍ଦ୍ଦେଶକ ତଥା ବାଙ୍କୀ କଲେଜର ପୂର୍ବତନ ଅଧ୍ୟକ୍ଷ କ୍ୟାପଟେନ ବେଣୁଧର ଲେଙ୍କା ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କଲେଜରେ ସ୍ଥାପିତ ବାଙ୍କୀର ଗର୍ବଗୌରବ ବୀରାରାଣୀ ଶୁକଦେଈଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଣୀ ଶୁକଦେଈ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଛାତ୍ରୀଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ।

# ଶିକ୍ଷା କ୍ଷେତ୍ରରେ ନିରନ୍ତର ବିକାଶକୁ ଗୁରୁତ୍ୱ


ନିପୁଣ ଓଡ଼ିଶା ମେଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ

ବାଙ୍କୀ,୧।୨(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଦଧିବାମନ ଜୀଉ କ୍ଲଷ୍ଟର ଅଧୀନ ଆନନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ନିପୁଣ ମେଳା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଧିବାମନ ଜୀଉ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋରଞ୍ଜନ ମନ୍ତ୍ରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଭିନବ ଶିକ୍ଷାଦାନ ପ୍ରଣାଳୀକୁ ଚିହ୍ନଟ କରି ସ୍ୱୀକୃତି ପ୍ରଦାନ କରିବା, ଶିକ୍ଷା କ୍ଷେତ୍ରରେ ନିରନ୍ତର ବିକାଶ କରିବା, ଶିକ୍ଷାର୍ଥୀମାନଙ୍କୁ ନିପୁଣ ଓଡ଼ିଶା କାର୍ଯ୍ୟକଳାପରେ ନିୟୋଜିତ କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୌଳିକ ସାକ୍ଷରତା, ସଂଖ୍ୟଜ୍ଞାନ ଓ ସୃଜନଶୀଳତା ଆଦି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଆନନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ପାଇକରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରମୋଦ କୁମାର ପ୍ରଧାନ, ଶ୍ରୀନିବାସ ବାରିକ, ଜୟନ୍ତ କୁମାର ସାହୁ, ସରୋଜ କୁମାର ଜେନା, ପ୍ରଭାସ ମଞ୍ଜରୀ ବେହେରା, ନେପାଳ ଚନ୍ଦ୍ର ଜେନା, ସତୀଶ କୁମାର ସାହୁ, ସୌଦାମିନୀ ଦେଈ ଓ ଖଗେନ୍ଦ୍ର ପ୍ରାସାଦ ରାଉତ ପ୍ରମୁଖ ଶିକ୍ଷୟତ୍ରୀ, ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

## ନିର୍ମାଣାଧିନ ଗୃହ ଭାଙ୍ଗିଲା ତହସିଲ ପ୍ରଶାସନ

ବାଙ୍କୀ, ୧।୨( ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ତହସିଲ ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରେ ଘୋଡ଼ାବର ଗ୍ରାମର ନକୁଳ ନାଏକ ସରକାରୀ ଜମିରେ ଏକ ଗୃହ ନିର୍ମାଣ କରୁଥିଲେ। ସରଣ୍ଡା ଆର୍‌ଆଇ ଏ ସମ୍ପର୍କରେ ଜାଣିବା ପରେଏହିନିର୍ମାଣକାର୍ଯ୍ୟକୁବନ୍ଦକରିଥିଲେ। ମାତ୍ର ନକୁଳ ଏହାକୁ ଖାତିର ନକରି ସେଠାରେ ବେଆଇଭାବେ ଗୃହ ନିର୍ମାଣ କରୁଥିଲେ। ଏହାପରେ ବେଆଇନ ଭାବେ ହୋଇଥିବା ନିର୍ମାଣ କାର୍ଯ୍ୟକୁ ଭାଙ୍ଗିବା ପାଇଁ ବାଙ୍କୀ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଏହି ନୋଟିସର ଅବଧି ଶେଷ ହେବା ପରେ ତହସିଲଦାର ଅଶେଷ କୁମାର ନାୟକ , ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ , ସରଣ୍ଡାଗଡ ଆର୍‌ଆଇ ପାର୍ଥସାରଥି ବେହେରାଙ୍କ ଉପସ୍ଥିତିରେ ଶନିବାର ଉକ୍ତ ବେଆଇନ ଗୃହକୁ ଭଙ୍ଗାଯାଇଛି। ଏହି ଗୃହ ଭାଙ୍ଗିବା ଦେଖି ନକୁଳ ନାଏକଙ୍କ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଦଳିତ ସମ୍ପ୍ରଦାୟର ହୋଇଥିବାରୁ ପ୍ରଶାସନ ଦାଉ ସାଧି ସେମାନଙ୍କ ନିର୍ମାଣାଧୀନ ଗୃହକୁ ଭାଙ୍ଗି ଦେଇଥିବା ନେଇ ନକୁଳଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାଙ୍କୀ ତହସିଲ ଅଧୀନ ସରଣ୍ଡା ଗଡରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ମାଡ଼ି ବସିଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ନକୁଳ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜ୍ଞାନରଞ୍ଜନ


@ -ସୀମାଞ୍ଚଳ


@ ସୁକାନ୍ତ


@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତମାଖୁ ନିୟନ୍ତ୍ରଣ, ବର୍ଜନ ବଡ଼ ଆହ୍ୱାନ

ଭୁବନେଶ୍ୱର,୧।୨(ସୁଚିସ୍ମିତା ସାହୁ)

ତମାଖୁ ଓ କର୍କଟ ରୋଗ ଅଙ୍ଗାଙ୍ଗୀଭାବେ ଜଡ଼ିତ। ତମାଖୁ ଶିଳ୍ପରେ ଛୋଟ ପିଲା, ମହିଳା ଓ ଯୁବବର୍ଗ କାମ କରୁଛନ୍ତି। ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତମାଖୁ ନିୟନ୍ତ୍ରଣ ପାଇଁ ଆଇନ ପ୍ରଣୟନ ଏବଂ ଅନୁପାଳନକୁ କଡ଼ାକଡ଼ି ଭାବେ ପାଳନକରା ନ ଗଲେ ପ୍ରାଣୀ ଓ ପ୍ରକୃତି ଉଭୟେ ଆଗାମୀ ଦିନରେ ପ୍ରଭାବିତ ହେବେ ବୋଲି ଅତିଥିମାନେ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ତମାଖୁ ସଚେତନତା କର୍ମଶାଳା କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ରଙ୍ଗୀନ ପଲ୍ଲବ ତ୍ରିପାଠୀ, ସହକାରୀ ପ୍ରାଧ୍ୟାପିକା ଡ. ରିଷିକା ଖେର, ଡ. ନିର୍ମାଲ୍ୟ ମୁଖାର୍ଜୀ, ଡ. ଶିବମ କପୁର, ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାର ସିଗାରେଟ୍, ବିଡ଼ି, ହୁକ୍କା, ଗୁଟ୍‌ଖା, ପାନମସଲା ଆଦି କ୍ଷତିକାରକ ବୋଲି ଜାଣି ସୁଦ୍ଧା ଲୋକମାନେ ଖାଉଛନ୍ତି। ତମାଖୁ ସେବନ ଫଳରେ ବିଶ୍ୱରେ ପ୍ରତିବର୍ଷ ଅନ୍ୟୂନ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଉଛନ୍ତି। ବିଡି ତିଆରି ପ୍ରକ୍ରିୟାରେ ସାମିଲ ମହିଳା ଓ ଛୋଟ ପିଲା ବିବିଧ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି। ତେଣୁ ତମାଖୁ ସେବନ ଓ ଏହାର ପ୍ରଚଳନ ହ୍ରାସ ନିମନ୍ତେ ତମାଖୁ ଶିଳ୍ପ ଉପରେ ଅଙ୍କୁଶ ଲଗାଯିବା ପାଇଁ ଅତିଥିମାନେ ମତ ପ୍ରକାଶ କରିଥିଲେ।



କର୍ମଶାଳାରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଅଶ୍ୱତୀ ଏସ୍ ଓ ଅନ୍ୟମାନେ।

# ନୂଆପାଟଣାକୁ ହରାଇ ସେମିରେ ଗୋପପୁର

## ସଞ୍ଜୀବ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଟିଗିରିଆ, ୧।୨( ଜାଫର ଖାଁ ): ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ଖେଳ ପଡିଆଠାରେ ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୩ୟ ସଞ୍ଜୀବ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ନୂଆପାଟଣାର ଛତ୍ରପତି ଶିବାଜୀ କ୍ରିକେଟ କ୍ଲବକୁ ୭ ଉଇକେଟ୍‌ରେ ହରାଇ ଗୋପପୁର କ୍ରିକେଟ କ୍ଲବ ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ନୂଆପାଟଣା ଦଳ ୨୦ ଓଭରରେ ୯ ଉଇକେଟ୍ ହରାଇ ୩୦୮ ରନ କରିଥିଲା। ଦଳ ତରଫରୁ ସଞ୍ଜୀବ ଦାସ ୩୨ ବଲରେ ୯୫ ଓ କାକୁନ ରାଉତ ୨୭ ବଲରେ ସର୍ବାଧିକ ୮୭ ରନ କରିଥିଲେ। ବୋଲିଂରେ ଗୋପପୁର ଦଳର ଭୀମସେନ ରାଉଳ ଓ ହାଡିବନ୍ଧୁ ନାଏକ ପ୍ରତ୍ୟେକ ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଗୋପପୁର ଦଳ ୧୫ ଓଭରରେ ୩ ଉଇକେଟ୍ ବିନିମୟରେ ୩୦୯ ରନ କରି ବିଜୟୀ ହୋଇଛି। ଦଳ ତରଫରୁ ହିମାଂଶୁ ମୁଦୁଲି ୩୪ ବଲରେ ୯୭ ରନ, ସିଦ୍ଧେଶ୍ୱର ସାହୁ ୨୪ ବଲ ରେ ୭୨ ରନ,ରାମଚନ୍ଦ୍ର ବେହେରା ୧୪ ବଲରେ ୫୦ ରନ ଓ ଭୀମସେନ ରାଉତ ୧୨ ବଲ ରେ ୪୯ ରନ କରିଥିଲେ। ବୋଲିଂରେ ନୂଆପାଟଣାର ଅନିଲ ଦାସ, ଦୀପକ ପରିଡା ଓ ଲକ୍ଷ୍ମୀଧର ନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାକର ରାଉତ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଗୋପପୁର ଦଳର ଭୀମସେନ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟରଭାବେ ଶରତ ପ୍ରଧାନ ଓ ବିଷ୍ଣୁପ୍ରସାଦ ଶତପଥୀ ମ୍ୟାଚ ପରିଚାଳନା କରିଥିଲେ। ଶରତ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ।


ଭୀମସେନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଦିଆଯାଉଛି।

# ପ୍ରୋକ୍ଟୋଲୋଜି ପାଠ୍ୟକ୍ରମ ଶୁଭାରମ୍ଭ

ବାରଙ୍ଗ,୧।୨(ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅବସ୍ଥିତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ, ଚିକିତ୍ସାଳୟ ଓ ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟିର ମିଳିତ ଉଦ୍ୟମରେ ଭାରତରେ ନୂତନ ଭାବେ ପ୍ରୋକ୍ଟୋଲୋଜି ବର୍ଷକିଆ ଡିପ୍ଲୋମା ପାଠ୍ୟକ୍ରମ ଶନିବାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପ୍ରତାପ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ଯୁଗରେ ନୂତନ ଭାବରେ ଆୟୁର୍ବେଦ ଶଲ୍ୟଚିକିତ୍ସା ଶୈଳୀ ଦ୍ୱାରା ମଳଦ୍ୱାର ସମ୍ପର୍କିତ ସମସ୍ତ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ବିଷୟରେ ମୁଖ୍ୟ ଅତିଥି ପ୍ରଫେସର ଚତୁର୍ଭୁଜ ଭୂୟାଁ ମତବ୍ୟକ୍ତ କରିଥିଲେ। ଶଲ୍ୟ ବିଭାଗ ପ୍ରଫେସର ରବିନାରାୟଣ ତ୍ରିପାଠୀ ପ୍ରୋକ୍ଟୋଲୋଜି ବିଷୟରେ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଡିନ୍‌ପ୍ରଫେସର ପ୍ରଦୀପ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ ଏବଂ ଡାକ୍ତର ରାଜେଶ ମହାରଥା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।



# ସ୍ମାର୍ଟ ମିଟର ବନ୍ଦ ଦାବିରେ ବିକ୍ଷୋଭ

ତ୍ରିଶୂଳିଆ,୧।୨(ତୁଷାରକାନ୍ତ ବେହେରା)

ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ବାରଙ୍ଗ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ଶନିବାର ୧୦ ଦଫା ଦାବିରେ ବିକ୍ଷୋଭ କରାଯାଇଛି। ବଳପୂର୍ବକ ଡିଜିଟାଲ ମିଟର କାଢ଼ି ସ୍ମାର୍ଟ ମିଟର ଲଗାଇବା ବନ୍ଦ ସହ ଯେଉଁ ଲୋକଙ୍କ ଘରେ ଜବରଦସ୍ତ ସ୍ମାର୍ଟ ମିଟର ଲଗାଯାଉଛି ତୁରନ୍ତ ବଦଳାଇବା, ସମସ୍ତ ଗରିବ ଲୋକଙ୍କୁ ବିନା ସିକ୍ୟୁରିଟି ଡିପୋଜିଟ୍ ଓ ବିନା କଟକଣାରେ ବିଦ୍ୟୁତ୍ ସଂଯୋଗ ଦେବା, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଥିବା ଗରିବ ଲୋକଙ୍କଠାରୁ ପ୍ରତି ମାସରେ ମିଟର ରିଡିଂ ଦେୟ ସହ ମିଟର ବାବଦ ୪୦ ଟଙ୍କା ଆଦାୟ ବନ୍ଦ କରିବା, ପ୍ରିପେଡ୍ ସ୍ମାର୍ଟ ମିଟର ବାତିଲ କରିବା, ଦିନର ବିଭିନ୍ନ ସମୟ ପାଇଁ ଭିନ୍ନ ଭିନ୍ନ ଶୁଳ୍କ ବାତିଲ କରିବା, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କରିବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର କରିବା, ସମଗ୍ର ବିଦ୍ୟୁତ୍ କ୍ଷେତ୍ରକୁ ସରକାର ହାତକୁ ନେବା, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଜୁଲମ ଓ ବିଭିନ୍ନ ଆଳରେ ବିଦ୍ୟୁତ୍ ସଂଯୋଗ କାଟ୍ ବନ୍ଦ କରିବା, ଘନ ଘନ ବିଦ୍ୟୁତ୍ କାଟ ବନ୍ଦ କରିବା ଦାବିରେ ମଞ୍ଚ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା। ମହିଳାନେତ୍ରୀ ମାଳବିକା ସାମଲଙ୍କ ସଭାପତିତ୍ୱରେ ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ହୋଇଥିଲେ। ଏଥିରେ ମଞ୍ଚର କଟକ ଜିଲା ଆବାହକ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ଅଶୋକ ବେହେରା, ମମତା ମହାପାତ୍ର, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବିକ୍ଷୋଭସ୍ଥଳରୁ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗକୁ ଦୀର୍ଘସ୍ଥାୟୀ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।



ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ଦୋକାନରେ ପଶି ଟଙ୍କା ଚୋରି ଘଟଣା, ଯୁବକ ଗିରଫ

ଜଟଣୀ,୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଦୋକାନରେ ପଶି ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ କୁସୁମାଟି ଅଞ୍ଚଳର ବାଦଲ ପ୍ରଧାନ(୧୯)। ତାଙ୍କ ନିକଟରୁ ୨୯,୫୦୦ ଟଙ୍କା ଏବଂ ଏକ ଲୁହାରଡ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୬/୨୫)ରୁଜୁ ହୋଇଛି। ସୂଚନା ମୁତାବକ, ଜଟଣୀ ଥାନା ଅଧୀନ ରେଡଙ୍ଗ କଲୋନୀ ଅଞ୍ଚଳର ବ୍ୟବସାୟୀ ସୁଜିତ କୁମାର ସାହୁ ପ୍ରତିଦିନ ପରି ଗତ ୨୯ ତାରିଖ ରାତିରେ ଦୋକାନ ବନ୍ଦ କରିଥିଲେ।ପରଦିନ ଦୋକାନ ଖୋଲିବାକୁ ଆସି ଦେଖିବା ବେଳକୁ ଦୋକାନ ଶଟର ଭଙ୍ଗାଯାଇଥିବା ବେଳେ ୫୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସୁଜିତ୍‌ଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା।

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ମେଡିକାଲ ପଠାଇଲେ ବିଧାୟକ

ଜଟଣୀ,୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଏବେ ବି ବଞ୍ଚିଛି ମାନବିକତା। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଶନିବାର ଦୁର୍ଘଟଣାରେ ଆହତ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ତାଙ୍କର ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ମୁତାବକ, ବିଧାୟକ ବଳବନ୍ତରାୟ ଜଟଣୀ ଆସୁଥିବା ବେଳେ ଆଇଗିଣିଆ ଓଭରବ୍ରିଜ୍ ନିକଟରେ ଜଣେ ଅଜଣା ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ଏହା ଦେଖି ବିଧାୟକ ଗାଡ଼ି ଅଟକାଇବା ସହ ଉକ୍ତ ବ୍ୟକ୍ତିଙ୍କ ନିକଟକୁ ଯାଇ ତାଙ୍କୁ ଉଠାଇଥିଲେ। ଏହାପରେ ଏକ ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟ ଅନେକଙ୍କୁ ପ୍ରେରଣା ଯୋଗାଇବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଆଧାତ୍ମିକବାଦୀ ଶିକ୍ଷକ ଚିନ୍ତାମଣିଙ୍କ ସ୍ମୃତିଚାରଣ

ନିରାକାରପୁର,୧।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ବଡ଼ପୋଖରିଆ ପଞ୍ଚାୟତ କଣ୍ଟପୁର ଗ୍ରାମର ଆଧାତ୍ମିକବାଦୀ ଶିକ୍ଷକ ଚିନ୍ତାମଣିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ପୂର୍ବତନ ସଭାପତି ପଦ୍ମନାଭ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ଲିଙ୍ଗରାଜ ପାଇକରାୟ, ହାଡ଼ୁବନ୍ଧୁ ବଳିୟାରସିଂହ, ଶିବ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା, ହରିବନ୍ଧୁ ମୁଦୁଲି, ରାମଚନ୍ଦ୍ର ପଟ୍ଟନାୟକ, ଗିରିଶ୍ ଚନ୍ଦ୍ର ମହାରଣା, ଅପର୍ତ୍ତି ଜେନା, ରମେଶ ଚନ୍ଦ୍ର ରଣସିଂହ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶେଷରେ ସତ୍ୟରଞ୍ଜନ ପଟ୍ଟନାୟକ, ଡା. ପ୍ରେମାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଶିଶୁ ଶିବିର କାର୍ଯ୍ୟକ୍ରମ

ବେଗୁନିଆ,୧।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଶିଶୁବାଟିକା ଶିଶୁ ଶିବିର କାର୍ଯ୍ୟକ୍ରମ ଶିକ୍ଷା ବିକାଶ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ଆବାହକତ୍ୱ, ଆଚାର୍ଯ୍ୟା ମମତାରାଣୀ ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଏବଂ ଶୁଭଲକ୍ଷ୍ମୀ ସ୍ୱାଇଁଙ୍କ ନେତୃତ୍ୱରେ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ବଜାର, ମନ୍ଦିର, ପଞ୍ଚାୟତ କାର୍ଯ୍ୟାଳୟ ଦର୍ଶନ ଓ ଖେଳକୁଦ ସହ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦିଆଯାଇ ଶିକ୍ଷା ଦେବାକୁ ପ୍ରୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ପରିଚାଳନା କରିଥିଲେ।

### ମୁକ୍ତମଞ୍ଚ ନାଟକ ପାଇଁ ପ୍ରସ୍ତୁତି ବୈଠକ

ବେଗୁନିଆ,୧।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ବାଲୁଙ୍କେଶ୍ୱର ଦେବ ନାଟ୍ୟସଂସଦ ପକ୍ଷରୁ ଦୁଇଦିନ ଧରି ମୁକ୍ତମଞ୍ଚ ନାଟକ ପରିବେଷଣ ହେବ। ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ସଦାଶିବ ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ସାମାଜିକ କର୍ମୀ ଦୀପକ ପ୍ରଧାନଙ୍କ ସଂଯୋଜନାରେ କଳାକାର ଗୋକୁଳାନନ୍ଦ ଜେନା, କାଳନ୍ଦୀ ଜେନା, ସୌମେନ୍ଦ୍ର ସାମନ୍ତରାୟ, ନାଟ୍ୟ ପରିଚାଳକ ଅଜୟ ପ୍ରଧାନ, ଅଜିତ ପ୍ରଧାନ, ସଞ୍ଜୟ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଏଥିରେ ନାଟକ 'ହା କୃଷ୍ଣ ବୋଲି ଜୀବଯାଉ' ଏବଂ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ମଞ୍ଚସ୍ଥ କରାଯିବ ବୋଲି ବୋଲି ନିଷ୍ପତ୍ତି ହୋଇଛି।

# ଚିଲିକା ପକ୍ଷୀଙ୍କ ପାଇଁ ବିପଦ ପାଲଟିଛି ଘେରି

ଖୋର୍ଦ୍ଧା,୧।୨(ପ୍ରଭାତ ପାଣିଗ୍ରାହୀ)

ପ୍ରତିବର୍ଷ ଶୀତ ଋତୁରେ ଚିଲିକାକୁ ବହୁସଂଖ୍ୟାରେ ବିଦେଶାଗତ ପକ୍ଷୀ ଆସିଥାନ୍ତି। ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ତେବେ ଚିଲିକାରେ ପ୍ଲାଷ୍ଟିକ, ପଲିଥିନ, ବେଆଇନ ଚିଙ୍ଗୁଡ଼ି ଘେରି ଏହାର ଜୈବ ବିବିଧତାକୁ ନଷ୍ଟ କରୁଛି। ଏଥିସହିତ ଚିଲିକାରେ ଏକର ଏକର ଅଞ୍ଚଳରେ ନଳଘାସ, ରାଜଦଳ ମାଡ଼ିଗଲାଣି। ଦଳ ଓ ଘେରି ଚିଲିକାକୁ ଗ୍ରାସିବା ଯୋଗୁ ପକ୍ଷୀଙ୍କ ପାଇଁ ଏବେ ଅଧିକ ବିପଦ ସୃଷ୍ଟି କରିଛି। ଚିଲିକାରେ ବେଆଇନ ଭାବେ ରହିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୩ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ, ଚିଲିକା ବ୍ଲକ, ପୁରୀ ଜିଲା କୃଷ୍ଣପ୍ରସାଦ, ବ୍ରହ୍ମଗିରି ଏବଂ ଗଞ୍ଜାମ ଜିଲା ଉପକୂଳବର୍ତ୍ତୀ ଅଞ୍ଚଳରୁ ଘେରି ଉଚ୍ଛେଦ ଜାରି ରହିଛି। ଯେତିକି ଘେରି ଉଚ୍ଛେଦ କରାଯାଉଛି, ପୁଣି ସେହି ତୁଳନାରେ ବଢ଼ିଚାଲିଛି। ବେଆଇନ ଘେରି ଯୋଗୁ ଚିଲିକା ଅବରୋଧ ସହ ଏଥିରେ ବ୍ୟବହୃତ ରାସାୟନିକ ପଦାର୍ଥ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି। ଫଳରେ ଚିଲିକା ଧୀରେ ଧୀରେ ତା'ର ଅସ୍ତିତ୍ୱ ହରାଇବାକୁ ବସିଲାଣି।



ଓଡ଼ିଶା ହାଇକୋର୍ଟ ଆଦ୍ରଭୂମିର ସୁରକ୍ଷା, ଜବରଦଖଲ ରୋକିବା ପାଇଁ ଡ୍ରୋନ ସର୍ଭେ ଲାଗି ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ଅକ୍ଟୋବରରେ ଚିଲିକା ହ୍ରଦ ଏବଂ ଭିତରକନିକାରେ ବେଆଇନ ଚିଙ୍ଗୁଡ଼ି ଘେରି ମୁକ୍ତଲାଗି ଆକାଶମାର୍ଗରୁ ଯାଞ୍ଚ ଓ ତଦାରଖ ପାଇଁ ଡ୍ରୋନ ଟେକ୍ନୋଲୋଜିକୁ ଆପଣାଇବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଦ୍ରଭୂମିର ସୁରକ୍ଷା ପାଇଁ ଅଧିକ ଫୋର୍ସ ମୁତୟନ ଲାଗି ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏ କର୍ତ୍ତୃପକ୍ଷ ହାଇକୋର୍ଟଙ୍କୁ ଆଶ୍ୱସନା ଦେଇଥିଲେ ଯେ, ସିଡିଏ ଟିମ୍ କ୍ରମାଗତ ଭାବେ ଏହା ଉପରେ ନଜର ରଖିବ। ପୁନଃ ଘେରି ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ତେବେ ଯଥା ପୂର୍ବଂ ତଥା ପରମ୍ ନ୍ୟାୟରେ ଘେରି ଉଚ୍ଛେଦ ଏବେ ପ୍ରହସନ ପାଲଟିଛି।

ସୂଚନାଥାଉ କି, ଗତ ବର୍ଷ ଜାନୁଆରୀରେ ଚିଲିକାରେ ପକ୍ଷୀ ଗଣନା ଚାଲିଥିବା ବେଳେ ସାତପଡ଼ା ରେଞ୍ଜ ଅଞ୍ଚଳରେ ଗଣନାକାରୀ ଟିମ୍ ଏକ ଚିଙ୍ଗୁଡ଼ି ଘେରି ଦେଖିବାକୁ ପାଇଥିଲେ। ଘେରି ଜାଲରେ ପାଣିକୁଆ ସମେତ ଅନ୍ୟ ପକ୍ଷୀ ଫସି ରହିଥିବା ଦେଖିଥିଲେ। ସେହିପରି ଅନ୍ୟ ଏକ ଟିମ୍ ପକ୍ଷୀ ଗଣନା କରୁଥିବା ବେଳେ ମାଣିକପାଟଣା ନିକଟରେ ଏକ ଚିଙ୍ଗୁଡ଼ି ଘେରି ଭିତରେ ପାଣିକୁଆ ମାଛ ଖାଇବା ଆଶାରେ ପଶିଯିବା ପରେ ଆଉ ଫେରି ନ ପାରି ଜାଲରେ ଛନ୍ଦି ହୋଇଯାଇଥିଲା। ପରେ ଟିମ୍ ସଦସ୍ୟ ପାଣିକୁଆକୁ ଉଦ୍ଧାର କରିଥିଲେ। ଚିଲିକାରେ ୫୦ରୁ ଉର୍ଦ୍ଧ୍ୱ ପ୍ରଜାତିର ରେସିଡେଣ୍ଟାଲ ପକ୍ଷୀ ବର୍ଷସାରା ଏଠାରେ ରହୁଛନ୍ତି। ଖାଦ୍ୟ ଅନ୍ୱେଷଣ ସମୟରେ ଜାଲରେ ଫସି ପ୍ରାଣ ହରାଉଥିବା ମଧ୍ୟ ଜଣାପଡ଼ିଛି। ତେବେ ଏନେଇ ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼େଇ କହିଛନ୍ତି, ଚିଲିକାରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ଚିଲିକା ଅଞ୍ଚଳରୁ ମୋଟ ୪,୯୩୦ ହେକ୍ଟର ବେଆଇନ ଘେରି ଉଚ୍ଛେଦ କରାଯାଇଥିବା ବେଳେ ୯୨୫ ବଣ୍ଡଲ(୧୩୮କୁଇଣ୍ଟାଲ) ଜିରୋ ନେଟ୍ ଜବତ କରାଯାଇଛି। ଚିଲିକା ତଟବର୍ତ୍ତୀ କୁମଣ୍ଡଳ ପାଟଣା, ଅମରାବି, ସୋରଣ, ହାଟବରଡ଼ି, ସାନନଇରୀ ଠାରୁ ବଉଳାବନ୍ଧ, ନିମିନା, ତରାପି ପର୍ଯ୍ୟନ୍ତ ୧୬୮୦ ହେକ୍ଟର ଘେରି ଉଚ୍ଛେଦ କରାଯାଇଥିବା ବେଳେ ୩୨୫ ବଣ୍ଡଲ(୪୩କୁଇଣ୍ଟାଲ) ଜାଲ ଜବତ କରାଯାଇଛି। ଜବତ ଜାଲ ଏବଂ ବାଉଁଶକୁ ପ୍ରଶାସନ ପକ୍ଷରୁ ପୋଡ଼ି ନଷ୍ଟ କରିଦିଆଯାଇଛି। ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ତହସିଲଦାର ଘଡ଼େଇ କହିଛନ୍ତି।



ଖୋର୍ଦ୍ଧା ଜିଲା ଓସ୍ୱାନ୍ କକ୍ଷରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ନିଯୁକ୍ତିମେଳା ସମ୍ପର୍କିତ ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

## ଜିଲାସ୍ତରୀୟ ନିଯୁକ୍ତି ମେଳା ସମ୍ପର୍କିତ ବୈଠକ

ଖୋର୍ଦ୍ଧା,୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ଓସ୍ୱାନ୍ କକ୍ଷରେ ଶନିବାର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲାରେ ନିଯୁକ୍ତିମେଳା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଡିଓମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରିବାକୁ ବିଡିଓଙ୍କୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ଗଣମାଧ୍ୟମ ସଂସ୍ଥା, ପାମ୍ପଲେଟ୍ ମାଧ୍ୟମରେ ପ୍ରଚାର ପ୍ରସାର କରାଯିବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସୁଚାରୁଭାବେ ସମ୍ପାଦନା କରିବାକୁ ଆସିଷ୍ଟାଣ୍ଟ ଡିରେକ୍ଟର, ନିଯୁକ୍ତି ଭୁବନେଶ୍ୱରଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଆସିଷ୍ଟାଣ୍ଟ ଡିରେକ୍ଟର ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ଞାନରଞ୍ଜନ



@ -ସୀମାଞ୍ଚଳ



@ ସୁକାନ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ସାହିତ୍ୟ ଜୀବନ ଜିଇବାର ଅନନ୍ୟ ମାଧ୍ୟମ'

ଜଟଣୀ,୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ 'ସାହିତ୍ୟ କ'ଣ ଓ ଏହାର ଲକ୍ଷ୍ୟ' ଶୀର୍ଷକ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ତପନ ମିଶ୍ର ପୌରୋହିତ୍ୟ କରିଥିଲେ। ଆଲୋଚକଭାବେ କବି ସୂର୍ଯ୍ୟ ମହାନ୍ତି ଯୋଗଦେଇ କହିଥିଲେ, ସାହିତ୍ୟ ଆମ୍ଭର କଥା କହେ, ସାହିତ୍ୟ ଜୀବନ ଜିଇବାର ଅନନ୍ୟ ମାଧ୍ୟମ, ଯାହା ମସ୍ତିଷ୍କ ତଥା ହୃଦୟରେ ଅନୁଭୂତ ହୁଏ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜୀବ କର ଯୋଗଦେଇ ଜୀବନ ଗଠନରେ ସାହିତ୍ୟର ଭୂମିକା ଉପରେ କହିଥିଲେ। ସେହିପରି ଇଂଲିଶ୍ ବିଭାଗ ଅଧ୍ୟାପକ ଅନିଲ କୁମାର ନନ୍ଦ ସାହିତ୍ୟ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏକ ସୁସ୍ଥ ସମାଜ ଗଠନରେ ସାହିତ୍ୟ ମୁଖ୍ୟ ପୁରୋଧାଭାବେ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ସାମଲ ପାଠଚକ୍ରକୁ ନେଇ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଆଲୋକ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭାଗୀୟ ଛାତ୍ରୀଛାତ୍ର କାଜଲ ପଣ୍ଡା, ସୁଶ୍ରୀ ସଙ୍ଗୀତା ଦାସ, ଦେବାଶିଷ ବାରିକ, କିରଣ ଦାଶ ପ୍ରମୁଖ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅଧ୍ୟାପକ ବାଳକୃଷ୍ଣ ଚୌଧୁରୀ, କାର୍ତ୍ତିକ ଚନ୍ଦ୍ର ଦାସ, ଦୀପସୁନ୍ଦର ବେହେରା, ଅମିତ୍ ବିକ୍ରମ ପଟ୍ଟନାୟକ, ଅଜିତ୍ ସୁନ୍ଦରାୟ, ଅନୁପ ମହାନ୍ତି, ସମରେନ୍ଦ୍ର ମହାପାତ୍ର, ପରମିତା ପ୍ରହରାଜ, ଗଣେଶ୍ୱର ମଲ୍ଲିକ, ପ୍ରଦୀପ କୁମାର ମହାରଥୀ, ଭାଗ୍ୟଶ୍ରୀ ନାୟକ, ସ୍ନେହା ସୌଭାଗିଁ, ପ୍ରଣିତା ପ୍ରହରାଜ, ପ୍ରତାପ କୁମାର ମହାପାତ୍ର, ସୁଜାତା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



'ସାହିତ୍ୟ କ'ଣ ଓ ଏହାର ଲକ୍ଷ୍ୟ' ଶୀର୍ଷକ ପାଠଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

# ୫ରେ ମୁଖ୍ୟମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା,୧।୨(ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୫ ତାରିଖରେ ଖୋର୍ଦ୍ଧା ଗସ୍ତ କରିବା ସହ ବିକଶିତ ଗାଁ ଓ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜଙ୍କିଆ ପଞ୍ଚାୟତର ସ୍ଥାନୀୟ ଷ୍ଟାଡିୟମରେ ଶୁଭାରମ୍ଭ ହେବ ଏହି ଯୋଜନା। ଏଥିରେ ଜିଲାର ୧୦ଟି ବ୍ଲକ ଏବଂ ୪ଟି ସହରାଞ୍ଚଳରୁ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଜିଲାପାଳ ଚଞ୍ଚଳ ରାଣା ଏବଂ ଏସ୍‌ପି ସାଗରିକା ନାଥ ଉକ୍ତ ସ୍ଥାନ ପରିଦର୍ଶନ କରିଥିବା ବେଳେ ଶନିବାର ଅପରାହ୍ନରେ ଏନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ରାଣା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚନ୍ଦ୍ର ସେଠୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀମାନେ।

# ୪ରୁ ନୀଳାମ୍ବୁ ମହୋତ୍ସବ

ଟାଙ୍ଗୀ,୧।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବ ବାଇପାସ୍ ନିକଟ ଆର୍‌କେ ଭିଲାଠାରେ ଆସନ୍ତା ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବ ଶାନ୍ତିଶୃଙ୍ଖଳାରେ କିପରି ହେବ ସେନେଇ ବିଭିନ୍ନ କମିଟି ଗଠନ କରାଯାଇଛି। ଏହି ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ସମସ୍ତ କର୍ମକର୍ତ୍ତା ଉଦ୍ୟମ ଜାରି ରଖିଛନ୍ତି। ଅଞ୍ଚଳର ଜନସାଧାରଣ ସହଯୋଗ କରିବାକୁ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ନିବେଦନ କରିଛନ୍ତି।

# ମା' ଭଗବତୀଙ୍କ ହୁଣ୍ଡିରୁ ୨,୨୬,୮୪୪ ଟଙ୍କା ମିଳିଲା

ବାଣପୁର,୧।୨(ଦିଲୀପ ସ୍ୱାଇଁ)

ବାଣପୁରସ୍ଥିତ ମା' ଭଗବତୀ ମନ୍ଦିର ଇ-ହୁଣ୍ଡିରୁ ଶ୍ରଦ୍ଧାଳୁଙ୍କ ପ୍ରଥମ ଦାନଅର୍ଥ ସଂଗ୍ରହ କରାଯାଇଛି। ଜାନୁଆରୀ ୩୧ ରାତି ୧୨ଟା ସୁଦ୍ଧା ମୋଟ ୧୯ ହଜାର ୫୭୩ ଟଙ୍କା ୯୯ ପଇସା ମିଳିଛି ବୋଲି ୟୁକୋ ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି। ଶ୍ରଦ୍ଧାଳୁମାନେ ଫୋନ୍‌ପେ ମାଧ୍ୟମରେ ପଠାଉଥିବା ଦାନଅର୍ଥ ମା'ଙ୍କ ଦେବୋତ୍ତର କାର୍ଯ୍ୟାଳୟ ନାମରେ ୟୁକୋ ବ୍ୟାଙ୍କରେ ଥିବା ଜମାଖାତାରେ ସିଧାସଳଖ ଜମାହେବା ସହ ଦାତା ଶ୍ରଦ୍ଧାଳୁଙ୍କ ନାମ ମଧ୍ୟ ଜମାଖାତାରେ ରେକର୍ଡଭୁକ୍ତ ରହୁଛି। ସେହିପରି ବାହାର ହୁଣ୍ଡିରୁ ୨ ଲକ୍ଷ ୭ ହଜାର ୨୭୧ ଟଙ୍କା ସହିତ ୨୦ କ୍ୟାରେଟ୍ ବିଶିଷ୍ଟ ୬୧ ଗ୍ରାମ୍ ୪୦୦ ମିଲିଗ୍ରାମ୍‌ର ସୁନାଚେନ୍, ୨୩ଟି ଖାସୁ ଥାଇ ଏକ ସୁନାର ଖାସୁମାଳ, ୧୪ ଗ୍ରାମ୍ ୨୧୦ ମିଲିଗ୍ରାମ୍ ରୁପାର ଏକ ପାଉଞ୍ଜି, ୭୦ ମିଲିଗ୍ରାମ୍ ରୁପାର ୪ଟି ଆଖି ସଂଗ୍ରହ କରାଯାଇ ୟୁକୋ ବ୍ୟାଙ୍କ ଜମାଖାତାରେ ଜମା କରାଯାଇଛି।



ଉଭୟ ହୁଣ୍ଡିରୁ ମୋଟ୍ ୨,୨୬,୮୪୪ ଟଙ୍କା ମିଳିଥିବା ଜଣାପଡ଼ିଛି। ମନ୍ଦିର ପରିଚାଳନା କମିଟି ସଭ୍ୟା ତଥା ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରିଣୀ ଶୀତଲ ଅଗ୍ରୱାଲ, ବାଣପୁର ଥାନା ପୋଲିସ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଉପସ୍ଥିତ ଥିବା ବେଳେ ବ୍ରଜକିଶୋର ଜେନା, ପୂଜକ ପ୍ରକାଶ ମହାପାତ୍ର, ପାଳିଆ ମାଳି ସେବକ ସଞ୍ଜୟ ମହାପାତ୍ର, ସୁରେନ୍ଦ୍ର ସାହୁ, କମଳ ମିଶ୍ର ଏହି ଅର୍ଥ ସଂଗ୍ରହ ଏବଂ ଗଣତିରେ ସହଯୋଗ କରିଥିଲେ। ଉଭୟ ହୁଣ୍ଡିରୁ ସଂଗୃହୀତ ଦାନଅର୍ଥ ମା'ଙ୍କ ଦୈନନ୍ଦିନ ଭୋଗସେବାରେ ଲାଗିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

# ୭ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମାବେଶ

**ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଖୋର୍ଦ୍ଧା ଜିଲା ସମ୍ମିଳନୀ**

ଯାଁଳା,୧।୨(ବୁଲା ବାରିକ)

ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତିର ଲକ୍ଷାଧିକ ଇସି ସଦସ୍ୟଙ୍କୁ ସରକାର ରିଷ୍ଟ୍ରକ୍ଚରିଙ୍ଗ୍ ନାମରେ ବାହାର କରିବା ନିର୍ଦ୍ଦେଶ ପ୍ରତିବାଦରେ ଶନିବାର ଖୋର୍ଦ୍ଧା ଜିଲାର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଇସି ସଦସ୍ୟଙ୍କୁ ନେଇ ଓଗାଳପଡ଼ା ବାଟଭୁଆସୁଣୀ ମନ୍ଦିର ସମ୍ମୁଖ ପଡ଼ିଆରେ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁଲତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଖୋର୍ଦ୍ଧା ଜିଲା ଆବାହକ ତଥା ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟ ଉପସଭାପତି ପୁଷ୍ପାଞ୍ଜଳି ଜେନା ଯୋଗଦେଇ ନିର୍ଦ୍ଦେଶ ପ୍ରତ୍ୟାହାର ଏବଂ ସମସ୍ତ ଇସିଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଆସନ୍ତା ୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଇସି ସମାବେଶ ପାଇଁ ଆହ୍ୱାନ ଦେଇଛନ୍ତି। ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ ୧୦ଦଫା ସମ୍ବଳିତ ଦାବିପତ୍ର ସମ୍ପର୍କରେ ସୂଚନା ଦେବା ସହ ଇସି ରିଷ୍ଟ୍ରକ୍ଚରିଙ୍ଗ୍ ବନ୍ଦ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଆସନ୍ତା ୧୩ ତାରିଖ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ଦିନଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ପାଇଁ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଆହ୍ୱାନ ଦେଇଛି। ଏହି ସମ୍ମିଳନୀରେ ଡିଏଲ୍‌ଏଫ୍‌ର ଅଞ୍ଜୁମାନ ଆରା, କାଦମ୍ବିନୀ ମହାନ୍ତି, ସରୋଜିନୀ ମୁଦୁଲି, ସଙ୍ଗୀତା ଜେନା, ଟୁନି ପରିଡ଼ା, ମମତା ବଡ଼ଜେନା, ମିନତି ପ୍ରଧାନ, ରୀତା ଶ୍ରୀଚନ୍ଦନ, ରିନା ସାହୁ, ରିନା ସେଠୀ, ସୁପ୍ରଭା ମହାନ୍ତି, ନାସିନୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।




ସମ୍ମିଳନୀରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର କର୍ମକର୍ତ୍ତା ଏବଂ ଅନ୍ୟମାନେ।

